# NATIONAL NEWS BULLETIN (ODIA)

## 31 March - 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ଗୁଜରାଟକୁ ଆଜି ଦିନିକିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।

– ଭାବ୍‌ଥରାଡ୍‌ ଠାରେ ୨୦ ହଜାର କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର କରିବେ ଶିଳାନ୍ୟାସ ଓ ଉଦ୍‌ଘାଟନ ।

- ଦେଶର ମାଓ ପ୍ରଭାବିତ ଅଞ୍ଚଳ ଏବେ ବିକାଶର ମାର୍ଗରେ ଗତି କରୁଛି, କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

– ଆଜି ଶେଷ ହେଉଛି ମାଓମୁକ୍ତ ଭାରତ ଗଠନର ଧାର୍ଯ୍ୟ ସମୟସୀମା ।

- ଦେଶବ୍ୟାପି ନିଷ୍ଠା ଓ ଶ୍ରଦ୍ଧାର ସହ ପାଳନ କରାଯାଉଛି ତୀର୍ଥଙ୍କର ଭଗବାନ ମହାବୀରଙ୍କ ଜନ୍ମ ବାର୍ଷିକୀ ।

ଏବଂ

- ଆଇପିଏଲ୍‌ର ଗତକାଲିର ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସ୍‌କୁ ୮ ୱିକେଟ୍‌ରେ ପରାସ୍ତ କଲା ରାଜସ୍ଥାନ ରୟାଲ୍ସ ।

# ପିଏମ୍-ଗୁଜରାଟ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଗୁଜରାଟକୁ ଦିନିକିଆ ଗସ୍ତରେ ଯିବେ । ଗସ୍ତ କାଳରେ ଶ୍ରୀ ମୋଦୀ ଗାନ୍ଧୀନଗରଠାରେ ମହାବୀର ଜୟନ୍ତୀ ପାଳନ ଅବସରରେ ସମ୍ରାଟ ସଂପ୍ରତି ସଂଗ୍ରହାଳୟର ଲୋକାର୍ପଣ କରିବେ । ସେଠାରେ  ପ୍ରଧାନମନ୍ତ୍ରୀ ଏକ ଜନସମାବେଶକୁ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ସଂଗ୍ରହାଳୟରେ ଦେଶର ଶତାବ୍ଦୀ ପୁରୁଣା ବିରଳ ଜୈନଧର୍ମର ବିଭିନ୍ନ  ପାରମ୍ପରିକ ଐତିହ୍ୟ ସଂପର୍କିତ ସାମଗ୍ରୀ ଉପଲବ୍ଧ ଅଛି ।

ପ୍ରଧାନମନ୍ତ୍ରୀ ପରେ ଅହମ୍ମଦାବାଦର ସାନନ୍ଦ ଠାରେ କାଏନସ୍ ସେମିକନ୍ ପ୍ଲାଣ୍ଟର ଲୋକାର୍ପଣ କରି ସେଠାରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଭାରତର ସେମିକଣ୍ଡକ୍ଟର ଉତ୍ପାଦନ ଯାତ୍ରାରେ ଏକ ଉଲ୍ଲେଖନୀୟ ପ୍ରଦର୍ଶନ ସ୍ୱରୂପ ଏହି ଉଦ୍‌ଘାଟନ ପରେ ସେଠାରେ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ ହେବ ।

ଦେଶରେ ସେମିକଣ୍ଡକ୍ଟର କ୍ଷେତ୍ରରେ ଇକୋସିଷ୍ଟମ୍‌କୁ ଧ୍ୟାନରେ ରଖି ଆତ୍ମନିର୍ଭରଶୀଳ ଉଚ୍ଚ ପ୍ରଯୁକ୍ତିବିଦ୍ୟା ସଂପନ୍ନ ଚିପ୍ ପ୍ରସ୍ତୁତିରେ ଏହା ସହାୟକ ହେବ । ପରେ ପ୍ରଧାନମନ୍ତ୍ରୀ ଭାବ୍‌ଥରାଡ୍ ଗସ୍ତ କରି ୨୦ ହଜାର କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ ଏବଂ

ଉତ୍ସର୍ଗ କରିବେ । ଏହିସବୁ ପ୍ରକଳ୍ପ ମଧ୍ୟରେ ଶକ୍ତି, ରେଳ, ସଡ଼କ ପରିବହନ ଓ ରାଜପଥ, ସ୍ୱାସ୍ଥ୍ୟ, ସହରାଞ୍ଚଳ ବିକାଶ, ଜନଜାତି ଉନ୍ନୟନ ଓ ଗ୍ରାମ ବିକାଶ ଭଳି ପ୍ରକଳ୍ପ ରହିଛି । ପ୍ରଧାନମନ୍ତ୍ରୀ ଏହି ଅବସରରେ ୫ ହଜାର ୧୦୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ଅହମ୍ମଦାବାଦ-ଧୋଲେରା ଏକ୍ସପ୍ରେସ୍ ୱେ ର ଉଦ୍‌ଘାଟନ କରିବେ । ଏଥିସହିତ ଶ୍ରୀ ମୋଦୀ ଖେଓ୍ୱଡ଼ା ଦ୍ୱିତୀୟ ପୁଲିଙ୍ଗ୍ ଷ୍ଟେସନ ଓ ଟ୍ରାନ୍ସମିଶନ ବ୍ୟବସ୍ଥାର ମଧ୍ୟ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

## ଏଲ୍‌ଏସ୍-ନକ୍ସଲ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳରେ ସୃଷ୍ଟି ହୋଇଥିବା ପ୍ରତିବନ୍ଧକ ଏବେ ଦୂର ହୋଇ ବିକାଶର ମାର୍ଗରେ ଗତି କରୁଛି । ଲୋକସଭାରେ ଗତକାଲି ମାଓମୁକ୍ତ ଭାରତ ସମ୍ପର୍କିତ ଆଲୋଚନାର ଉତ୍ତର ଦେଇ ଶ୍ରୀ ଶାହା କହିଛନ୍ତି, ମାଓ କାର୍ଯ୍ୟକଳାପ ବିରୁଦ୍ଧରେ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ବାମପନ୍ଥୀ ହିଂସାରେ ୨୦ ହଜାର ଲୋକ ପ୍ରାଣ ହରାଇଥିବା ବେଳେ ୧୨ କୋଟି ଲୋକ ବହୁବର୍ଷ ଧରି ବିକାଶର ଆଲୋକ ଦେଖିପାରି ନ ଥିଲେ । ଛତିଶଗଡ଼ର ବସ୍ତର ଅଞ୍ଚଳରେ ନକ୍ସଲବାଦ ପ୍ରାୟ ଶେଷ ହୋଇଛି ବୋଲି ଶ୍ରୀ ଶାହା କହିଛନ୍ତି ।

V/O

ଦେଶକୁ ମାଓମୁକ୍ତ କରିବା ନେଇ ସରକାର ଧାର୍ଯ୍ୟ କରିଥିବା ସମୟସୀମା ଆଜି ଶେଷ ହେଉଛି । ମାଓବାଦୀମୁକ୍ତ ଅଭିଯାନରେ ସୁରକ୍ଷା କର୍ମୀ, ରାଜ୍ୟ ସରକାର ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗକୁ ଶ୍ରୀ ଶାହା ଉଚ୍ଚ ପ୍ରଶଂସା କରିଛନ୍ତି ।

# ଶିବରାଜ-ରବି ସିଜନ୍

ହରିଆଣା, ଉତ୍ତରପ୍ରଦେଶ ଏବଂ କର୍ଣ୍ଣାଟକରେ ଚଳିତ ବର୍ଷ ରବି ଋତୁରେ ସର୍ବନିମ୍ନ ସହାୟକ ମୂଲ୍ୟ ମାଧ୍ୟମରେ ଡାଲି ଓ ତୈଳବିଜ ସଂଗ୍ରହ ପ୍ରସ୍ତାବକୁ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଅନୁମୋଦନ କରିଛନ୍ତି । ରବି ଋତୁରେ ରେକର୍ଡ଼ ପରିମାଣ ଡାଲି ଓ ତୈଳବିଜ ସଂଗ୍ରହ ନେଇ ରାଜ୍ୟ ସରକାରଗୁଡ଼ିକ ଆଶାବାଦୀ ଅଛନ୍ତି । କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ କହିଛି, ଏହି ପଦକ୍ଷେପ ଚାଷୀଙ୍କୁ ଆର୍ଥିକ କ୍ଷେତ୍ରରୁ ସଶକ୍ତ କରିବ । ଏହି ତିନୋଟି ରାଜ୍ୟରୁ ଚଣା, ମସୁରଡାଲି, ସୋରିସ ଏବଂ କୁଶୁମ ଭଳି ଗୁରୁତ୍ୱପୂର୍ଣ୍ଣ ଓ ତୈଳବିଜ ଉତ୍ପାଦକୁ ସର୍ବନିମ୍ନ ସହାୟକ ମୂଲ୍ୟରେ କ୍ରୟ କରାଯିବାକୁ ନିଷ୍ପତ୍ତି ହୋଇଛି । ଏଥିପାଇଁ ୧୧ ହଜାର ୬୯୮ କୋଟିରୁ ଅଧିକ ବ୍ୟୟ ଅଟକଳ କରାଯାଇଥିବା ମନ୍ତ୍ରଣାଳୟ ସୂଚନା ଦେଇଛି ।

# ୟୁକେ-ଚାରଧାମ୍ ଯାତ୍ରା

ଉତ୍ତରାଖଣ୍ଡରେ ଚାରିଧାମ ଯାତ୍ରୀଙ୍କ ସୁରକ୍ଷିତ ଯାତ୍ରା ଏବଂ ସୁପରିଚାଳନା ସୁନିଶ୍ଚିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଗ୍ରୀନ୍‌କାର୍ଡ଼ ସିଷ୍ଟମ୍ ପ୍ରଚଳନ କରିଛନ୍ତି । ରାଜ୍ୟ ପରିବହନ ମନ୍ତ୍ରୀ ପ୍ରଦୀପ ବାତ୍ରା ଗତକାଲି ହରିଦ୍ୱାର ଜିଲ୍ଲାର ରୋସନାବାଦ୍ ଠାରେ ବାଣିଜ୍ୟିକ ଯାତ୍ରୀବାହୀ ଯାନଗୁଡ଼ିକ ପାଇଁ ବ୍ୟବହୃତ ହେବାକୁ ଥିବା ଏହି କାର୍ଡ଼ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି । ବାଣିଜ୍ୟିକ ଯାନଗୁଡ଼ିକର ବୈଷୟିକ ଫିଟ୍‌ନେସ୍ ଏବଂ ଜରୁରୀକାଳୀନ ପରିସ୍ଥିତିରେ ଆବଶ୍ୟକୀୟ ସୂଚନା ପ୍ରଦାନ କରିବାରେ ଏହି କାର୍ଡ଼ ସହାୟକ ହେବ । ରାଜ୍ୟ ପରିବହନ ବିଭାଗ ଦେଇଥିବା ସୂଚନା ଅନୁଯାୟୀ ବିଭାଗର ୱେବ୍‌ସାଇଟ୍ ମାଧମରେ ଏହି କାର୍ଡ଼ ପାଇଁ ଆବେଦନ କରାଯାଇପାରିବ । ନିକଟତମ ପରିବହନ କାର୍ଯ୍ୟାଳୟରେ ଯାନର ବୈଷୟିକ ଯାଞ୍ଚ୍ ପରେ ଗ୍ରୀନ୍‌କାର୍ଡ଼ ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି ।

# ମହାବୀର ଜୟନ୍ତୀ

ଦେଶବ୍ୟାପି ଆଜି ୨୪ତମ ତଥା ଶେଷ ଜୈନ୍ୟ ତୀର୍ଥଙ୍କର ଭଗବାନ ମହାବୀରଙ୍କ ଜନ୍ମ ବାର୍ଷିକୀ ନିଷ୍ଠା ଓ ଶ୍ରଦ୍ଧାର ସହ ପାଳନ

କରାଯାଉଛି । ଜୈନ୍ୟ ସମ୍ପ୍ରଦାୟଙ୍କ ପାଇଁ ଏହା ସବୁଠାରୁ ମଙ୍ଗଳମୟ ଦିନ ଭାବେ ବିବେଚନା କରାଯାଏ । ଭଗବାନ ମହାବୀରଙ୍କ ଅନୁଗାମୀ ଆଜି ପ୍ରାର୍ଥନା, ପ୍ରସାଦ ପ୍ରଦାନ ଏବଂ ସମାବେଶ ମାଧ୍ୟମରେ ଏହି ପର୍ବ ପାଳନ କରିଥାନ୍ତି । କରୁଣା, ଆତ୍ମସଂଯମ ଏବଂ ସତ୍ୟପ୍ରତି ଉତ୍ସର୍ଗୀକୃତ ଜୀବନ ପାଇଁ ଏହି ଦିବସ ପାଳନ ଏକ ଶ୍ରଦ୍ଧାଞ୍ଜଳୀ ବୋଲି ବିବେଚନା କରାଯାଏ ।

ମହାବୀର ଜୟନ୍ତୀ ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତକାଲି ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅହିଂସା, ସତ୍ୟ, ଆସ୍ତେୟ, ବ୍ରହ୍ମଚର୍ଯ୍ୟ ଏବଂ ଅପରିଗ୍ରହ ଭଳି ୫ଟି ନୀତି ଉପରେ ପର୍ଯ୍ୟବେସିତ ଭଗବାନ ମହାବୀରଙ୍କ ଜୀବନାଦର୍ଶ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସଠିକ ପଥରେ ଅଗ୍ରସର ହେବା ଲାଗି ପ୍ରେରଣା ଯୋଗାଇବ ବୋଲି ରାଷ୍ଟ୍ରପତି କହିଛନ୍ତି। ଏହି ୫ଟି ନୀତିକୁ ଆପଣେଇବା ଦ୍ୱାରା ନାଗରିକମାନେ ଏକ ଅର୍ଥପୂର୍ଣ୍ଣ ଜୀବନଶୈଳୀରେ ପରିଚାଳିତ ହେବା ସହିତ ସମାଜରେ ମଧ୍ୟ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ସହାୟକ ହୋଇପାରିବେ ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି।

## ଡିଜିସିଏ-ଜିଏସ୍‌ଭି ଏମ୍‌ଓୟୁ

ବିମାନ ଚଳାଚଳ ବୈଷୟିକ କ୍ଷେତ୍ର ତଥା ପରିଚାଳନା କ୍ଷେତ୍ରରେ ଯୁବବର୍ଗଙ୍କୁ ତାଲିମ୍ ପ୍ରଦାନ କରିବା ଲକ୍ଷ୍ୟ ନେଇ ସରକାର ପଦକ୍ଷେପ

ଗ୍ରହଣ କରିଛନ୍ତି । ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ଡି.ଜି.ସି.ଏ. ଏବଂ ଗତିଶକ୍ତି ବିଶ୍ୱବିଦ୍ୟାଳୟ ଜି.ଏସ୍.ଭି. ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । କାର୍ଯ୍ୟକ୍ରମରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ, ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଡି.ଜି.ସି.ଏ., ରେଳ ମନ୍ତ୍ରଣାଳୟ ଓ ଜି.ଏସ୍.ଭି. ପ୍ରତିଷ୍ଠାନର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ । ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ମନ୍ତ୍ରୀ ଶ୍ରୀ ନାଇଡୁ କହିଛନ୍ତି, ଭବିଷ୍ୟତରେ ବିମାନ ଚଳାଚଳ କ୍ଷେତ୍ରକୁ ଅଧିକ ସଶକ୍ତ କରିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

ଭାରତରେ ଏକ ବିମାନ ଉତ୍ପାଦନ ଇକୋ ସିଷ୍ଟମ୍ ସୃଷ୍ଟି ଉପରେ ସରକାର ଧ୍ୟାନ କେନ୍ଦ୍ରୀଭୂତ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ନାଇଡୁ କହିଛନ୍ତି । ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ଜି.ଏସ୍.ଭି. ପ୍ରତିଷ୍ଠାନ ଏ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରୁଛି । ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଜି.ଏସ୍.ଭି. ପ୍ରତିଷ୍ଠାନରେ ଏକ ବୈଷୟିକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବା ଉପରେ ଶ୍ରୀ ବୈଷ୍ଣବ ଗୁରୁତ୍ୱାରୋପ କରିଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଲୋକଙ୍କ ପଦ୍ମ ଧାରାବାହିକ କାର୍ଯ୍ୟକ୍ରମରେ ଆଜି ଡକ୍ଟର ସୁରେଶ ହାନାଗାବାଦିଙ୍କ ସହ ସାକ୍ଷାତ ଆଲୋଚନା ପ୍ରସାରଣ

କରାଯିବ । ହେମୋଫିଲିଆ ରୋଗର ଯତ୍ନ ଏବଂ ଏ ସମ୍ପର୍କରେ ଜନସଚେତନତା ବୃଦ୍ଧି ପାଇଁ ଉତ୍କର୍ଷ ପ୍ରତିପାଦନ କରିଥିବାରୁ ତାଙ୍କୁ ପଦ୍ମ ପୁରସ୍କାରରେ ସମ୍ମାନିତ କରାଯିବ । ଏହି କାର୍ଯ୍ୟକ୍ରମ ୧୦୦ ଦଶମିକ୍ ୧ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍‌ରେ ସକାଳ ୯ଟା ୧୦ ମିନିଟ୍‌ରେ ପ୍ରଚାର କରାଯିବ । ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଆପ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଶ୍ରୋତାମାନେ କାର୍ଯ୍ୟକ୍ରମ ଶୁଣିପାରିବେ ।

## ଆଇପିଏଲ୍

ଆଇ.ପି.ଏଲ୍. କ୍ରିକେଟ୍ ପ୍ରତିଯୋଗିତାର ଗତକାଲିର ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ବିଜୟୀ ହୋଇଛି । ଗୁଆହାଟୀର ବର୍ଷାପାରା କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ରାଜସ୍ଥାନ’ ଚେନ୍ନାଇ ସୁପରକିଙ୍ଗସ୍‌କୁ ୮ ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ରାଜସ୍ଥାନ ରୟାଲ୍ସ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଚେନ୍ନାଇ ୧୯ ଓଭର ୪ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୨୭ରନ୍ ସଂଗ୍ରହ କରିଥିଲା । ଜବାବରେ ରାଜସ୍ଥାନ ୧୨ ଓଭର ଗୋଟିଏ ବଲ୍‌ରେ ୨ ୱିକେଟ୍ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିପାରିଥିଲା । ଦଳ ପକ୍ଷରୁ ବୈଭବ ସୂର୍ଯ୍ୟବଂଶୀ ୧୭ଟି ବଲ୍‌ରୁ ୫୨ରନ୍ ସଂଗ୍ରହ କରିଥିବା ବେଳେ

ଯଶସ୍ୱୀ ଜୟସ୍ୱାଲ୍ ଅପରାଜିତ ୩୮ରନ୍ ସଂଗ୍ରହ କରିଥିଲେ । ରାଜସ୍ଥାନ ରୟାଲ୍ସର ନାନ୍ଦ୍ରେ ବର୍ଗରଙ୍କୁ ମାତ୍ର ୨୬ରନ୍ ବିନିୟମରେ ୨ଟି ମୂଲ୍ୟବାନ ୱିକେଟ୍ ହାସଲ କରିଥିବାରୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଛି ।

ଆଜି ସନ୍ଧ୍ୟା ସାଢ଼େ ୭ଟାରେ ପଞ୍ଜାବ କିଙ୍ଗସ୍ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ନ୍ୟୁ ଚଣ୍ଡିଗଡ଼ର ମହାରାଜା ଯଜୁବେନ୍ଦ୍ର ସିଂହ ଷ୍ଟାଡିୟମ୍‌ରେ ମ୍ୟାଚ୍ ଖେଳାଯିବ ।

## ଖେଲୋ ଇଣ୍ଡିଆ ଟ୍ରାଇବାଲ୍ ଗେମ୍ସ

ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା ପ୍ରତିଯୋଗିତାର ସପ୍ତମ ଦିନରେ ଆଜି ତୀର ଚାଳନା ଏବଂ ଫୁଟବଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ଛତିଶଗଡ଼ର ରାୟପୁର ଠାରେ ଏହି ମ୍ୟାଚ୍ ଗୁଡ଼ିକ ଖେଳାଯିବ । ସୁର୍ଗୁଜଠାରେ କୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି । ମହିଳା ଫୁଟବଲ୍ ପ୍ରତିଯୋଗିତାର ସେମିଫାଇନାଲ୍ ପର୍ଯ୍ୟାୟ ମ୍ୟାଚ୍ ଆଜି ଖେଳାଯିବ । ମହିଳା ହକି ବର୍ଗରେ ମିଜୋରାମ ଏବଂ ଓଡ଼ିଶା ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି । ପୁରୁଷ ବର୍ଗରେ ଝାଡ଼ଖଣ୍ଡ ଏବଂ ଓଡ଼ିଶା ମଧ୍ୟରେ ହକି ଫାଇନାଲ୍ ମ୍ୟାଚ୍ ଖେଳାଯିବ । ପଦକ ତାଲିକାରେ ଏ ପର୍ଯ୍ୟନ୍ତ ୧୭ଟି

ସ୍ୱର୍ଣ୍ଣ ସହ କର୍ଣ୍ଣାଟକ ଶୀର୍ଷରେ ରହିଥିବା ବେଳେ ୯ଟି ସ୍ୱର୍ଣ୍ଣ ସହ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି ।